


ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କର୍ମୀ ଭାରତୀୟ ଜନତା ପାର୍ଟି ଛାଡି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଜେଡିର ବରିଷ୍ଠ ଉପାଧ୍ୟକ୍ଷ (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବିଜେଡି ସାଧାରଣ ସମ୍ପାଦକ, ରଞ୍ଜିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ କିରୋଗୀ ଓ ତାଏକ୍ୱୋଣ୍ଡୋରେ ଉପାନ୍ତ ତାରକାଙ୍କ ସଫଳତା



ପାତ୍ରପୁର, ୧୯/୬(ସମିସ): କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିରୋଗୀ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଉପାନ୍ତ ତାରକାଙ୍କୁ ସଫଳତା ମିଳିଛି । ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇ ୧୮ ତାରିଖରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ କିରୋଗୀ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ପାତ୍ରପୁର ବ୍ଲକକୁ ଦୁଇଟି ପଦକ ମିଳିଛି । ଜୁନିୟର ବିଭାଗରେ ସାଇ ସଂପ୍ରୀତି ପ୍ରଧାନ ରୌପ୍ୟ ପଦକ ହାସଲ କରିଥିବା ବେଳେ ବିଦୁସ୍ମିତା ତରାସିଆ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ସଫଳତା ପରେ ଅଞ୍ଚଳରୁ ଶିକ୍ଷକ ବାସୁ ନାୟକ ଓ ଉଭୟ ପ୍ରତିଯୋଗୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ନିଖୋଜ ସ୍ୱାମୀଙ୍କୁ ଖୋଜି ଆଣିବାକୁ ପ୍ରଶାସନ ନିକଟରେ ଗୁହାରି କଲେ ସ୍ତ୍ରୀ



ଛତ୍ରପୁର, ୧୯।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ପି. ନୂଆଗାଁ ଗ୍ରାମର ମହେନ୍ଦ୍ର ଦାସ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଫେରିନଥିବାରୁ ତାଙ୍କୁ ଖୋଜି ବାହାର କରିବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସ୍ତ୍ରୀ ରେଣୁ ଦାସ କ୍ଷ ଗତ ୧୪ ମାସ ତଳେ ମହେନ୍ଦ୍ର ଙ୍କୁ ସେହି ଗ୍ରାମର ସୁର ଦାସ ନାମକ ଜଣେ ଠିକାଦାର କାମ କରାଇବାକୁ ଗୁଜୁରାଟ ରାଜ୍ୟକୁ ଡାକି ନେଇଥିଲେ । ସେଠାରେ ତାଙ୍କୁ ମାରପିଟ କରାଯାଉଥିବା ସେ ତେ ବେ ଳେ ମହେନ୍ଦ୍ର ନିଜ ସ୍ତ୍ରୀଙ୍କୁ କହିଥିଲେ । ଆଜକୁ ୧୪ ମାସ ହେଲା ରେଣୁ ତାଙ୍କ ସ୍ୱାମୀ ମହେନ୍ଦ୍ରଙ୍କ ସହ ଯୋଗାଯୋଗ କରିନଥିବା ବେଳେ ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି । ଏନେଇ ପୂର୍ବରୁ ବେଗୁନିଆପଡା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ରେଣୁ ଦାସ ଅଭିଯୋଗ କରିଛନ୍ତି । ରେଣୁ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜ ୩ ଝିଅ ଓ ଗୋଟାଏ ପୁଅକୁ ଧରି କଷ୍ଟରେ ଚଳୁଥିବା ବେଳେ ତାଙ୍କ ସ୍ୱାମୀଙ୍କୁ ଖୋଜି ବାହାର କରିବା ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି । ରେଣୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଛତ୍ରପୁର ଶ୍ରମ ଅଧିକାରିଣୀ ବର୍ଷା ରାଣୀ ଜେନାଙ୍କୁ ଭେଟି ଗୁହାରି କରିଛନ୍ତି ।

## ସୋରଡ଼ା ଏନ୍ଏସି ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ

ସୋରଡ଼ା,୧୯।୬(ସମିସ): ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିସଦର ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ଅଗ୍ରଗତି ଓ ସଚେତନତା ନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହରେ ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ, ବିଭିନ କାଉନସିଲର ମାନେ ଉପସ୍ଥିତ ରହି ଉଠା ଦୋକାନୀମାନଙ୍କ ସମସ୍ୟା ଓ ସୁବିଧା ଆଦି ବୁଝିଥିଲେ । ଏହି ସହରାଞ୍ଚଳର ଉଠା ଦୋକାନୀଙ୍କ ସୁପରିଚାଳନା ଓ ଏହାର ଅବସ୍ଥା ସମ୍ପର୍କରେ ଅତିଥିମାନେ ବୁଝିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶଚନ୍ଦ୍ର ସାହୁ ଅଂଶ ଗ୍ରହଣ କରିଥିବା ଦୋକାନୀଙ୍କ ସ୍ୱଚ୍ଛତା ଓ ପରିଷ୍କାର ପରଛନ୍ନତା ନେଇ ଆଲୋଚନା ସହ ସମସ୍ତଙ୍କୁ ଖାଦ୍ୟ ନିରାପତ୍ତା ପ୍ରମାଣପତ୍ର ସଂଗ୍ରହ ଆଦି ବିଷୟରେ କହିଛନ୍ତି । ଏଥିରେ ପିଏମ ସ୍ୱନିଧି ଯୋଜନାର ସମ୍ମନ୍ୱୟ ଅଧିକାରୀ ସଂଯୋଜନା କରିଥିବା ବେଳେ ଏହି ଯୋଜନା ଦ୍ୱାରା ବ୍ୟାଙ୍କ ସଂଲଗ୍ନ ଋଣ ନେଇ ସଠିକ ସମୟରେ ପରିଶୋଧ ଓ ଇନ୍ସୁରାନ୍ସ ଆଦି ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସୋରଡ଼ା ଏନ୍ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଲକ୍ଷ ଲକ୍ଷ ଲୋକଙ୍କ ସେବାରେ ଥିବା ଉଠା ଦୋକାନୀ ଦ୍ୱାରା ଅଞ୍ଚଳର ବିକାଶ ଓ ସେମାନଙ୍କ ଦ୍ୱାରା ଏନଏସିର ଅଂଶଧନ ଲାଭ ଓ ଋଣ ନେଇ ନିଜ ପ୍ରତିଷ୍ଠାନକୁ ବଢାଇଥିବା କିଛି ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଆଗନ୍ତୁକ ବର୍ଷା ଦିନର ଖାଦ୍ୟ ସୁରକ୍ଷା ଓ ସଠିକ ପରିଚାଳନା ପାଇଁ ବିଭିନ୍ନ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା ।

## ଭକ୍ତ ଦାଶ ଓ ସୁର ରାଉତରାୟଙ୍କୁ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୧୯।୬(ସମିସ): ରାହୁଲ ଗାନ୍ଧୀଙ୍କ ୫୬ ତମ ଜନ୍ମ ଦିନ ଅବସରରେ ଆସିକା ବ୍ଲକ ଅନ୍ତର୍ଗତ ବାଲିସିରା ଅଂଚଳରେ ହେବାକୁ ଥିବା ଏକ ରକ୍ତଦାନ ଶିବିରରେ ଯୋଗ ଦେବା ପାଇଁ ପିସିସି ସଭାପତି ଭକ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ଓ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଆଜି ଗଞ୍ଜାମ ଗସ୍ତରେ ଆସିଥିବା ବେଳେ ଖଲ୍ଲିକୋଟ କଂଗ୍ରେସ ତରଫରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ସାହୁ, ଭୋକାଲି ସେଠି, ଖଲ୍ଲିକୋଟ ବ୍ଲକ କଂଗ୍ରେସ ସଭାପତି ମେଘନାଦ ଦଳେଇ ଓ ଶତାଧିକ କର୍ମୀ ସ୍ଥାନୀୟ ସତସଙ୍ଗ ବିହାର ନିକଟରେ ଉପସ୍ଥିତ ରହି ଭକ୍ତ ଦାସଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଓଡିଶାରେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ନେଇ ରାଜ୍ୟର ବିଜେପି ସରକାର କୁ ସମାଲୋଚନା କରିବା ସହିତ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସର ତୃଣମୂଳ ସ୍ତରରେ ଆଗାମୀ ନିର୍ବାଚନ ପୂର୍ବରୁ ଦଳକୁ ସଶକ୍ତ କରିବା ନେଇ ପ୍ରତିକ୍ରିୟା ରଖିଥିଲେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ । ଆଗାମୀ ପଂଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ସୁର ରାଉତରାୟ ।

## ଲଭ୍, ସେକ୍ସ ପରେ ଧୋକା; ଅଭିଯୁକ୍ତ ଗିରଫ

ବୁଗୁଡ଼ା,୧୯।୬(ସମିସ): ଲଭ, ସେକ୍ସ ପରେ ଧୋକା ଦେଇଥିବା ପ୍ରେମିକକୁ ବାନ୍ଧିଲା ପୋଲିସ । ଗିରଫ ଯୁବକ ଜଣକ ହେଲେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଦଶିପୁର ଗ୍ରାମର ଆକାଶ ଜେନା (୨୩) ।

ଏ ନେଇ ପୋଲିସ କେସ୍ ନଂ-୨୨୭ ଏକ ମାମଲା ରୁଜୁ କରି ଆକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡ୍ଡୀ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁସାରେ ଅଭିଯୁକ୍ତ ଆକାଶ ତାଙ୍କ ପଡୋଶୀରେ ରହୁଥିବା ତାଙ୍କ ଠାରୁ ବୟସରେ ବଡ଼ ଜନୈକା ଯୁବତୀଙ୍କୁ ଭଲ ପାଇବା ସହ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ଏଥି ସହ ତାଙ୍କୁ ଏକ ହଳ ସୁନା କାନଫୁଲ ଦେଇଥିଲେ ଏବଂ ବିବାହ ପରେ ଆହୁରି ଉପହାର ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନ, ପୀଡିତା ୬ ମାସର ଗର୍ଭବତୀ ହେବା ପରେ ପୀଡିତା ତାଙ୍କୁ ବିବାହ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ ଆକାଶ ବାହା ହେବାକୁ ମନା କରିବା ସହ ସନ୍ତାନର ଗର୍ଭପାତ କରିବା ପାଇଁ ଔଷଧ ଖାଇବାକୁ କହିଲେ । ଯଦି ସେ ଜଣକ ତାଙ୍କ କଥା ନ ମାନନ୍ତି ଆକାଶ ତାଙ୍କୁ ମାରିଦେବାକୁ ଧମକ ଦେଉଥିବା ନେଇ ପୀଡିତା ବାଲିପଦର ଫାଣ୍ଡିରେ ଅଭିଯୋଗ କରିବାରେ ପୋଲିସ ଆକାଶଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ଗାଁରେ ପହଞ୍ଚିଲା ଓଡ଼ିଆ ଶ୍ରମିକଙ୍କ ଶବ



ପାତ୍ରପୁର, ୧୯।୬(ସମିସ): ଗତ ମଙ୍ଗଳବାର ସନ୍ଧ୍ୟାରେ କେରଳରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ବେଳେ ଶୁକ୍ରବାର ଗ୍ରାମରେ ଶବ ପହଞ୍ଚିଛି । ସୂଚନା ଥାଉକି ଆଙ୍ଗୁଲି ପଞ୍ଚାୟତ ଅନ୍ତର୍ଗତ ଧାନବାଡ ବି ଗ୍ରାମର ଶୁକ୍ରୁ ବଡମୁଣ୍ଡିଙ୍କ ପୁଅ ପ୍ରଫୁଲ୍ଲ ବଡ଼ମୁଣ୍ଡି (୩୭) କିଛି ଦିନ ହେବ କେରଳ ନାଦକ୍କାଭୁ ଥାନା ଅନ୍ତର୍ଗତ କୋଝିକୋଡ ଠାରେ ଏକ କମ୍ପାନୀରେ କାର୍ଯ୍ୟ କରିଥିଲେ । ପ୍ରଫୁଲ୍ଲ ରବିବାର କାମ କରିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିବା ବେଳେ ନିକଟରେ ଥିବା ଶ୍ରମିକ ମାନେ ମେଡିକାଲରେ ଭର୍ତ୍ତି କରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରଫୁଲ୍ଲଙ୍କ ଶବ ଗ୍ରାମକୁ ଆଣିବା ପାଇଁ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଶୁକ୍ରି ବଡମୁଣ୍ଡି ଓ ତାଙ୍କ ପରିବାର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି । ପ୍ରଶାସନ ପକ୍ଷରୁ କେରଳରୁ ବିମାନ ମାଧ୍ୟମରେ ଭୁବନେଶ୍ୱର ଓ ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ି ମାଧ୍ୟମରେ ଗ୍ରାମକୁ ଶବ ଅଣାଯାଇଥିଲା । ଗ୍ରାମକୁ ଶବ ଆଣିବା ପାଇଁ ଚିକିଟି ବିଧାୟକ, ପାତ୍ରପୁର ବିଡିଓ, ତହସିଲଦାର ଓ ଶ୍ରମ ବିଭାଗକୁ ଗଞ୍ଜାମ ଜିଲ୍ଲା ଉନ୍ନୟନ ପରିଷଦର ଉପ ସଭାପତି ଲଳିତା ପ୍ରଧାନ ଧନ୍ୟବାଦ ଦେବା ସହ ପ୍ରଫୁଲ୍ଲଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ।

## ପୁଣି ମାତିଲେ ଚୋର; କବାଟ ଭାଙ୍ଗି ଘରେ କଳାକନା ବୁଲାଇଲେ



ଜଗନ୍ନାଥ ପ୍ରସାଦ,୧୯।୬(ସମିସ): ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ଲୁଟେରା କିଛିଦିନ ବ୍ୟବଧାନରେ ପୁଣି ଆତଙ୍କ ଭିଆଇଛନ୍ତି । ପୂର୍ବରୁ ଅଳସୁ ଅଞ୍ଚଳର ବିଧବା ମହିଳାଙ୍କ ଘରୁ ଚୋରି, ପରେ ମୁଖ୍ୟ ବଜାରରେ ଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରଖିଥିବା ନଗଦ ଲକ୍ଷାଧିକ ଟଙ୍କା ଚୋରି କରିଥିବା ବେଳେ ହାଟପଦାର ଏକ ସୁନା ଦୋକାନୀଙ୍କ ଘରର ପଛ କବାଟ ତାଡି ଘରେ ପଶି ଚୋରି କରିଥିବା ଏତଲା ଥାନାରେ ପହଞ୍ଚିଛି । ସୂଚନା ଥାଉ କି ଗତ ସପ୍ତାହରେ ଚୋରମାନେ ହରିପୁର ଗ୍ରାମର ଉଜୁଳିଆ ଗୌଡ଼ଙ୍କ ଘରୁ ନଗଦ ୨୫ହଜାର ଟଙ୍କା ଓ ତିନିତୁଳା ସୁନା ଅଳଙ୍କାର ଲୁଟିଥିଲେ ଓ ସେହି ଗ୍ରାମରେ ସନ୍ଧନୀ କୁକୁର ବୁଲିଥିଲା ।ପୁଣି ଗତ ଗୁରୁବାର ଦିନ ମଧ୍ୟ ରାତ୍ରରେ ସ୍ଥାନୀୟ ସହର ମୁଖ୍ୟ ବଜାର ବଡଦାଣ୍ଡ ସାହିର ବସନ୍ତ ସାହୁଙ୍କ ଘରର ପଛ ପଟ ତିନୋଟି କବାଟ ଭାଙ୍ଗି ଆଲମିରା ଓ ଗଡ଼ରେଜରେ ଥିବା ନଗଦ ୨୨ହଜାର ଟଙ୍କା, ସୁନା ବ୍ରେସଲେଟ, ୪ହଳ ରୁପା ପାଉଛି, ୪ହଳ ସୁନା ଚୁଡି, ସୁଟକେଶରୁ କୁମ୍ପିକୁ ନେଇଯାଇଥିବା ଏତଲା ସ୍ଥାନୀୟ ଥାନାରେ ପହଞ୍ଚିଛି । ଖବର ପାଇ ଉପଖଣ୍ଡ ଅଧିକାରୀ ଡ଼ଃ.ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଏଏସଆଇ ଶ୍ରୀନିବାସ ପାଲକା ଏବଂ ଟିମ ଘଟଣା ସ୍ଥାନରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

### ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ପାଳନ

## କଂଗ୍ରେସ ବିରାଟ ବାଇକ୍ ରାଲି ଓ ରକ୍ତଦାନ ଶିବିର



ଆସିକା,୧୯।୬(ସମିସ): ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳନ ଅବସରରେ ଶୁକ୍ରବାର କଂଗ୍ରେସ ପକ୍ଷରୁ କଂଗ୍ରେସ ସାଂସଦ ପାର୍ଥି ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ବିରାଟ ବାଇକ ରାଲି ସହ ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅବଜରବ ବିଜୟ କୁମାର ପ୍ରଧାନ, କ୍ରିଷ୍ଣା ମହାନ୍ତି, ପଶ୍ଚିମ ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ରଙ୍କ ସମେତ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି । ଯୁବକ କଂଗ୍ରେସ କର୍ମୀ ବିରାଟ ବାଇକ ରାଲିରେ ଆସି ଆସିକା ସହର ପରିକ୍ରମା କରିବା ସହଖମ୍ବେଶ୍ୱରୀ ପାଟଣା ସ୍ଥିତ କଂଗ୍ରେସ କାଯ୍ୟାଳୟ ରେ ପହଞ୍ଚି ଥିଲେ । ସେଠାରେ ବାଲିସିରା ନିକଟରେ ଥିବା ଶିବ ମନ୍ଦିର ରେ ୧୦୮ ବେଲପତ୍ର ଅଭିଶେକ କରିବା ପରେ କଂଗ୍ରେସ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରର ଉଦଘାଟନ କରିଥିଲେ ଭକ୍ତ ଦାସ । ପରେ କେକ କାଟି ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସର ଜିଲ୍ଲା ସଭାପତି, ଉପ ସଭାପତି, ବ୍ଲକ ସଭାପତି, ଗୋପାଳ ପୁରର ପୂର୍ବତନ କଂଗ୍ରେସ ବିଧାୟକ ଓ ଏହା ସହ ଅନ୍ୟ କଂଗ୍ରେସର ନେତୃସ୍ଥାନୀୟ କର୍ମୀ ଯୁବ ନେତା ପ୍ରିୟାଂଶୁ ପରିଡା, ଅଜିତ ମୁନି, ଦେବାଶିଷ ପଣ୍ଡା, ସୁଧୀର କାନ୍ତ ଦୋରା, ମନୋଜ କୁମାର ସାହୁଙ୍କ ସମେତ କଂଗ୍ରେସର ଯୁବ ଛାତ୍ର ଏବଂ ଛାମୁଆ ନେତା ଓ ବହୁ କଂଗ୍ରେସର ସମର୍ଥକ ମାନେ ଉପସ୍ଥିତ ଥିଲେ । ରାହୁଲ ଗାନ୍ଧୀଙ୍କ ଜନ୍ମ ଉତ୍ସବରେ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହିତ ହୋଇ ଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲର ବ୍ଲଡ଼ ବ୍ୟାଙ୍କ ଡାକ୍ତରୀ ଟିମ ସହଯୋଗ କରିଥିଲେ ।

## ବାବା ଶ୍ରୀଦଣ୍ଡିଶ୍ୱରଙ୍କ ବିବାହ ଉତ୍ସବ

ବେଗୁନିଆପଡ଼ା,୧୯।୬(ସମିସ): ପବିତ୍ର ଶୀତଳ ଷଷ୍ଠୀ ବା ଶିବ ବିବାହ ପାଇଁ ଗୁରୁବାର କୋଦଳା ଓ ବେଗୁନିଆପଡା ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଥିଲା । ବିଭିନ୍ନ ଶୈବ ପୀଠରେ ଶିବପାର୍ବତୀ ଙ୍କ ବିବାହ ପାଇଁ ମନ୍ଦିର ଗୁଡିକୁ ସୁ ସଜ୍ଜିତ ଫୁଲ ଏବଂ ଲାଇଟ ଦ୍ୱାରା ଆଲୋକିତ କରାଯାଇଛି । କୋଦଳା ବିଜେ ବାବା ଶ୍ରୀ ଦଣ୍ଡିଶ୍ୱର ଏବଂ ବାବା ତାଳେଶ୍ୱର ମନ୍ଦିର ଉତ୍ସବ ମୁଖର ହୋଇପଡ଼ିଥିଲା ।



ବୁଧବାର ସନ୍ଧ୍ୟାରେ ରୀତିନୀତି ଅନୁଯାଇ କୋଦଳା ଡେରାସାହି ସ୍ଥିତ ବିଶ୍ୱନାଥ ପାତ୍ରଙ୍କ ଠାରୁ ମହାଦେବ ଦଣ୍ଡିଶ୍ୱରଙ୍କ ପାଇଁ ବଉଳପାଟ ଅଣାଯାଇଥିବା ବେଳେ ଗୁରୁବାର ପୂର୍ବାହ୍ନ ରୁ ମହାଦେବଙ୍କ ବିଭିନ୍ନ ନିତ୍ୟକର୍ମ ସହିତ ବେଶ କାର୍ଯ୍ୟ ଚାଲୁରହିଥିଲା, ସନ୍ଧ୍ୟା ୭ ଘଣ୍ଟ ସମୟରେ ମହାଦେବ ତାଳେଶ୍ୱରଙ୍କ ପଟୁଆର ବାହାରିଥିବା ବେଳେ, ଦଣ୍ଡିଶ୍ୱରଙ୍କ ପଟୁଆର ସନ୍ଧ୍ୟା ୯ ଘଣ୍ଟ ସମୟରେ ସାହସ୍ରାଧିକ ଭକ୍ତ ବାହାରି ଢୋଲ, ଥଳ, ମୃଦଙ୍ଗ, ପଶୁମୁଖା, ଡିଜେର ତାଳେ ତାଳେ କୋଦଳା ପରିକ୍ରମା କରିବା ସହିତ ନାମଯଜ୍ଞ ମଣ୍ଡପ ନିକଟରେ ବାଟ ବରଣ କରାଯାଇ ଯଥାରିତି ଅନୁଯାଇ କନ୍ୟାପିତାଙ୍କ ପକ୍ଷରୁ ବରଣୀ କରାଯାଇ ବିବାହ ମଣ୍ଡପକୁ ପାଛୋଟି ଆଣିଥିଲେ । ମଣ୍ଡପ ବେଦି ଠାରେ ବିଜେ ପ୍ରତିମା ଚନ୍ଦ୍ର ଶେଖରଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଉତ୍ସବ ବୈଦିକ ରୀତିରେ ପୁରୋହିତଙ୍କ ମନ୍ତ୍ରଧ୍ୱନୀରେ ଏକ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଏଥିରେ ଦଣ୍ଡିଶ୍ୱର ମହାଦେବଙ୍କ ମନ୍ଦିର ପରିଚାଳନା କମିଟି, ସେବାୟତ, ଯାତ୍ରା କମିଟି, ତାଳେଶ୍ୱର ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ପୋଲିସ ଓ ଗ୍ରାମବାସୀଙ୍କ ସହାୟତା ରେ ଏହି ଦେବ ବିବାହ ଉତ୍ସବ ପାଳିତ ହୋଇଯାଇଥିବା ବେଳେ, ଭକ୍ତଙ୍କ ନିମନ୍ତେ ଉଭୟ ମନ୍ଦିରରେ ଭୋଜି ଭାତର ଆୟୋଜନ କରାଯାଇଥିଲା । ସେହିପରି ସାଙ୍କୁଡ଼ା ଧବଳେଶ୍ୱର, ଫାସି ମାଣିକେଶ୍ୱର, ବେଗୁନିଆପଡା ଓ ସାଳବଣ ସିଦ୍ଧେଶ୍ୱର, କୋଦଳା ଖଜୁରେଶ୍ୱର, ଓ ଅଞ୍ଚଳର ସମସ୍ତ ଶୈବ ପୀଠରେ ଦେବଦେବ ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## ବୁଦ୍ଧେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା

ସାନଖେମୁଣ୍ଡି୧୯।୬(ସମିସ) : ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁଦ୍ଧେଶ୍ୱର ମହାଦେବଙ୍କ ସହ ମାତା ପାର୍ବତୀଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା । ଏହି ପବିତ୍ର ବିବାହ ଉତ୍ସବରେ ବରପିତା ଭାବେ ସନ୍ତୋଷ ମିଶ୍ର ଓ ମାତା ଭାବେ ତାଙ୍କ ଧର୍ମପତ୍ନୀ,



ଏବଂ କନ୍ୟାପିତା ଭାବେ ବାଳକୃଷ୍ଣ ଚୌଧୁରୀ ଓ ମାତା ଭାବେ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ଗ୍ରହଣ କରିଥିଲେ । ପୂଜାର୍ଚ୍ଚନା ଓ ବିବାହ କାର୍ଯ୍ୟକ୍ରମକୁ ମନ୍ଦିର ପୁରୋହିତ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୁରୋହିତ ମଣ୍ଡଳୀ ବେଦମନ୍ତ୍ର ଉଚ୍ଚାରଣ ସହ ବିବାହ ସମ୍ପନ୍ନ କରିଥିଲେ । ଉତ୍ସବ ପରିଚାଳନାରେ ମନ୍ଦିର ପରିଚାଳନା କମିଟି ସଭାପତି ବସନ୍ତ କୁମାର ପାଢ଼ୀ, ଉପସଭାପତି ଏ. ମାଧବ ରେଡ୍ଡୀ, ସମ୍ପାଦକ ରଞ୍ଜନ ସାହୁ, ସହ ସମ୍ପାଦକ ଏ. ନରେନ୍ଦ୍ର ରେଡ୍ଡୀ, ଉପଦେଷ୍ଟା ଡ଼. କୈଳାଶ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଜାଗିଲି ସେଠୀ, ଲକ୍ଷ୍ମୀନାରାୟଣ ଆଚାରୀ, ପରମ କୁମାର ନାୟକ, ଏମ ହରିହର ପାତ୍ର, ସୀମାଞ୍ଚଳ ସାହୁ, ନାଗେଶ ରେଡି, ଜଗନ୍ନାଥ ପାଣିଗ୍ରାହୀ, ଶିବରାମ ବେହେରା ସହ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ । ଏହି ଶୁଭ ବିବାହ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିବା ସହିତ ମହାଦେବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ଥାନା ଚନ୍ଦ୍ରଶେଖର ମନ୍ଦିରରେ ଶିବ ବିବାହ



ରମ୍ଭା,୧୯।୬(ସମିସ): ସ୍ଥାନୀୟ ଥାନା ପରିସରରେ ବାବା ଚନ୍ଦ୍ର ଶେଖର ମହାଦେବଙ୍କ ବିବାହ ବାର୍ଷିକୀ ଓ ଶୀତଳ ଷଷ୍ଠୀ ଉତ୍ସବ ପାରମ୍ପରିକ ରୀତି ନୀତି ଅନୁସାରେ ମହା ସମାରୋହରେ ପାଳିତ ହୋଇଯାଇଛି । ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ,ବିଧାୟକ ପ୍ରତିନିଧି ମାନସ ନାହାକ ସମେତ ବହୁତ ରାଜନୈତିକ ତଥା ଶାସକ ଦଳ ପଦାଧିକାରୀମାନେ ଯୋଗ ଦେଇଥିଲେ । ଚଳିତ ବର୍ଷ ଶିବଙ୍କ ପିତାମାତା ଭାବେ ଡ଼ିଏସପି ପ୍ରଶାନ୍ତ କୁମାର ଦାସ ଓ ରଶ୍ମି ପ୍ରଧାନ, ମାତା ପାର୍ବତୀଙ୍କ ପିତାମାତା ଭାବେ ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ଓ ରୀନା ରାଣୀ ମୁଦୁଲି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ପୂଜକ ସୁରେନ୍ଦ୍ର ନାଥ ମିଶ୍ର ଓ ସହଯୋଗୀ ପୂଜାପାଠ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସକାଳେ ମଙ୍ଗଳ କାର୍ଯ୍ୟ ଓ ବର ନିମନ୍ତ୍ରଣ ପରେ ସନ୍ଧ୍ୟାରେ ବରାନୁଗମନଗମନ ଓ ଶୋଭାଯାତ୍ରା ବିବାହ, ପରେ ପ୍ରସାଦ ସେବନ ବନ୍ଦୋବସ୍ତ କରାଯାଇଥିଲା । ଶୋଭାଯାତ୍ରାରେ ବିଭିନ୍ନ ବେଶଧାରୀ, ମହିଳା ସଂକୀର୍ତ୍ତନ ମଣ୍ଡଳୀ, କଟକର ଭଜନ ସମାରୋହ ବେଶ୍ ମନମୁଗ୍ଧ ହୋଇଥିଲା । ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଉତ୍ସବରେ ଯୋଗଦେବା ସହ ପ୍ରସାଦ ସେବନ କରିଥିଲେ । ଏହି ମହୋତ୍ସବରେ ଗଞ୍ଜାମ ଜିଲ୍ଲା ଏସପି ହରିଷ ବିଶି, ଏସଡ଼ିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଆଇଆଇସି ରମେଶ ଚନ୍ଦ୍ର ସହିତ ବହୁତ ପଦପଦାଧିକାରୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ରମ୍ଭା ଥାନା ଓ କର୍ମରତ କର୍ମଚାରୀ ପରିଚାଳନା କରିଥିଲେ ।

## ‘ବିକାଶ ଧାରା ଓଡ଼ିଶା ସାରା’ ୩ୟ ଦିବସରେ ‘ଷ୍ଟାର୍ଟ ଅପ୍ ଓଡ଼ିଶା’ କର୍ମଶାଳା



ପୋଲସରା,୧୯।୬(ସମିସ): ରାଜ୍ୟ ସରକାରଙ୍କ ଶାସନ କରିବାର ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକରେ ଚାଲିଥିବା କାର୍ଯ୍ୟକ୍ରମର ତୃତୀୟ ଦିବସରେ ଷ୍ଟାର୍ଟ ଓଡ଼ିଶା ବିଷୟ ଅନ୍ତର୍ଗତ ଓଡ଼ିଶା ଷ୍ଟାର୍ଟଅପ୍ ନୀତି: ବରିଷ୍ଠ ଇକୋସିଷ୍ଟମ, ଦେଶ ବିଦେଶରେ ପରିଚୟ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପୋଲସରା ବିଡିଓ ଶଶୀଭୁଷଣ ମହାପାତ୍ର ପରିଚାଳନା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଡିଆଇସି ଜେନେରାଲ ମ୍ୟାନେଜର ହୃଷୀକେଶ ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମାଧ୍ୟମରେ ଷ୍ଟାର୍ଟଅପ୍ ଉଦ୍ୟୋଗ ଜରିଆରେ ଜଣେ ଶିକ୍ଷିତରୁ ସର୍ବନିମ୍ନ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ଜଣେ ଅଶିକ୍ଷିତ ଯୁବକ ଯୁବତୀ ଏବଂ ମହିଳା ପୁରୁଷମାନେ ନିଜ ନିଜର ପସନ୍ଦର କର୍ମମୟ ରୋଜଗାର ରାସ୍ତା ବାଛି ସରକାରଙ୍କ ପ୍ରୋତ୍ସାହିତ ଯୋଜନା ଅନ୍ତର୍ଗତ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାସହ ଅନ୍ୟକୁ ରୋଜଗାର ଦେଇ ବଞ୍ଚାଇପାରିବେ ସେଥି ଉପରେ ବୁଝାଇଥିଲେ । ଏମ୍ପ୍ଲୋଇମେଣ୍ଟ ଅଫିସର ଭୁବନେଶ୍ୱର ମହାପାତ୍ର ବ୍ରହ୍ମପୁର, ହିଞ୍ଜିଳିକାଟୁ ଆଇଟିଆଇର ଅଶୋକ କୁମାର ଡାକୁଆ ଓ ସ୍ୱାଧୀନ ଶେଖର ସାହୁ, ଉମାଚରଣ ପଟ୍ଟନାୟକ ବୈଷୟିକ ତାଲିମ ପ୍ରତିଷ୍ଠାନ ବ୍ରହ୍ମପୁରର ମହେଶ୍ୱର ଜେନା, ଜିଲ୍ଲା ସ୍କିଲ୍ ଡେଭେଲପମେଣ୍ଟ କମ୍ ଏମ୍ପ୍ଲୋଇମେଣ୍ଟ ଅଫିସର ଯସପାଲ ସିଂହ ଯାଦବ ପ୍ରମୁଖ ଉକ୍ତ ହିଞ୍ଜିଳିକାଟୁ ଆଇଟିଆଇର ସଫଳତା ଏବଂ ସରକାରୀ ସୁବିଧା ଉପରେ ତାଲିମ ପ୍ରଦାନ କରିଥିଲେ । ବ୍ଲକର କିଛି ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର ସହିତ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧନା ଦିଆଯିବା ସହିତ ଲଘୁ ଉଦ୍ୟୋଗ ସକାଶେ ସରକାରଙ୍କ ବ୍ୟାଙ୍କ୍ ଋଣ ନେଇ ବ୍ୟବସାୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ମା’ ସିଂହାସନୀ ଇଣ୍ଡଷ୍ଟ୍ରିକୁ ପ୍ରୋତ୍ସାହନ ରାଶି ସ୍ୱରୂପ ୩୧ ହଜାର ୬୯୩ ଟଙ୍କା ଏବଂ ମା’ ନାଇକାଣୀ ଇଣ୍ଡଷ୍ଟ୍ରିକୁ ପ୍ରୋତ୍ସାହନ ସ୍ୱରୂପ ୨ଲକ୍ଷ ୪୦ହଜାର ୬୬୧ ଟଙ୍କାର ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହି ସମାବେଶ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପ୍ରତିନିଧି ଭାବେ କାଙ୍ଗ ବାଢେଇ ଯୋଗଦେଇ ମନ୍ତ୍ରୀଙ୍କ ବାର୍ତ୍ତାକୁ ପଢ଼ି ଶୁଣାଇ ଥିବା ବେଳେ ଏବିଡିଓ ସୋନମ ବେହେରା, ସୋଡକ ପଞ୍ଚାୟତ ସରପଞ୍ଚ ଉତ୍କଳ ପ୍ରଧାନ, ଘୋଡାପଲାଣ ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି କାଳିଚରଣ ବେହେରା ଓ ନିମିନା ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି ନିଳମଣୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଓ ଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର, ସ୍ୱାସ୍ଥ୍ୟ ବିଭାଗ, ଏସଏଚଜି ଗ୍ରୁପ, କୃଷି ବିଭାଗ, ଜଳ ବିଭାଜନ, ମୃତ୍ତିକା ସଂରକ୍ଷଣ ବିଭାଗ, ସ୍ୱେଚ୍ଛାସେବୀ, ଷ୍ଟାଫ୍ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ ।

# ଘାତକ ସାଜୁଛି କେତଙ୍ଗି ଡାଳ

**ପାରଳାଖେମୁଣ୍ଡି, ୧୯ ।୬ (ସମିସ)**



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସମେତ ଏହାକୁ ଲାଗି ରହିଥିବା ସୀମାନ୍ତ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମାଞ୍ଚଳର ଚାଷୀ କେତଙ୍ଗି ଚାଷ କରି ଲାଭାନ୍ୱିତ ହେଉଛନ୍ତି । ଲାଭପ୍ରଦ କେତଙ୍ଗି ଚାଷ ରବି ଋତୁରେ ଉତ୍ପାଦନ ହୋଇଥାଏ । ହେଲେ ଏହି ଅଞ୍ଚଳର ଚାଷୀମାନେ କେତଙ୍ଗି ଚାଷ ସରିବା ପରେ ଏହାର ଗଛକୁ ରାଜରାସ୍ତା ଉପରେ ଶୁଖାଇଥାନ୍ତି । ଏପରି ରାସ୍ତାରେ ଶୁଖାଇବା ଉଦ୍ଦେଶ୍ୟ ହେଉଛି ଯେ ଚଳାଚଳ ଯାନବାହାନ କେତଙ୍ଗି ଗଛ ଉପରେ ଚଢ଼ିଲେ ମଞ୍ଜି ଅମଳ ହେବ । ମଞ୍ଜିଗୁଡ଼ିକୁ ବାହାରି ଯିବା ପରେ ଶୁଖିଲା ଗଛକୁ ମୁଖ୍ୟରାସ୍ତା ତଟରେ ପକାଇ ଦେଇ ଚାଲିଯାଉଛନ୍ତି । ତେବେ ଏହି ଶୁଖିଲା କେତଙ୍ଗି ଗଛ ଘାତକ ସାଜିବାରେ ଲାଗୁଛି । କୌଣସି କାରଣରୁ ଏଥିରେ ଅଗ୍ନିସଂଯୋଗ ହେଲେ ପାଳଗଦା ଲାଗିବା ପରି ନିଆଁ ହୁତ ହୁତ ହୋଇ ନିମିଶକେ ପୋଡ଼ିଯାଇଥାଏ । ଫଳରେ ଏହାର ଆଖପାଖ ଅଞ୍ଚଳରେ ଥିବା ବଡ ବଡ ଗଛ ଠାରୁ ଆରମ୍ଭ କରି ଟ୍ରାନ୍ସଫର୍ମର କିମ୍ବା ବିଦ୍ୟୁତ ତାର ଏହି ନିଆଁର ସଂସ୍ପର୍ଷରେ ଆସି ଧନନଷ୍ଟ ହେବାର ବହୁ ଦୃଷ୍ଟାନ୍ତ ମଧ୍ୟ ରହିଛି । ତେବେ ଅତିନିକଟରେ ସୀମାନ୍ତରେ ଏପରି ଘଟିଥିବା ବେଳେ ଆଜି ଗୋଷାଣି ବ୍ଲକ ସଦରମହକୁମା ନିକଟସ୍ଥ କାଞ୍ଚିରାଣୀପେଣ୍ଠ ଗ୍ରାମ ଠାରୁ ଆଡାଗାଁ ମଧ୍ୟରେ ଏପରି ନିଆଁ ଲାଗି ରାସ୍ତା ତଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସହ କେତେକ ଗଛ ପୋଡ଼ିଯାଇଥିବାର ଦେଖିବାକୁ ମିଳିଛି । ଟ୍ରାନ୍ସଫର୍ମରେ ନିଆଁ ଲାଗିବା ଦ୍ୱାରା ଅଞ୍ଚଳରେ ବିଦ୍ୟୁତ ସରାବହ ବନ୍ଦ ରହିଛି । ଏହାକୁ ସଜାଡ଼ିବା ପାଇଁ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଲାଗିପଡ଼ିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ କାଞ୍ଚିରାଣୀପେଣ୍ଠ ଗ୍ରାମାଞ୍ଚଳରେ ବିଦ୍ୟୁତ ସରାବହ ବନ୍ଦ ରହିଛି । ତେବେ ଏହି କେତଙ୍ଗି ଗଛ ଦ୍ୱାରା ନିଆଁ ଲାଗିବା ସହ ଏଥି ଯୋଗୁଁ ଚଳନ୍ତା ଗାଡ଼ି ଗୁଡ଼ିକ ଏହି ଗଛ ଉପରେ ଯିବା ସମୟରେ ଖସି ଦୁର୍ଘଟଣାର ସମ୍ମୁଖୀନ ହେଉଥିବାର ବହୁ ଦୃଷ୍ଟାନ୍ତ ମଧ୍ୟ ରହିଛି ।

# ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା

ଛତ୍ରପୁର,୧୯।୬(ସମିସ): ଛତ୍ରପୁର ସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଓ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ । ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା ଏବଂ ସେମାନଙ୍କର ଅଧିକାରକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ନାଗରିକ ଓ ପ୍ରଶାସନର ମିଳିତ ଦାୟିତ୍ୱ । ଆର୍ଥିକ ଅଭାବ ଯୋଗୁଁ କେତେ ପିଲା ସ୍କୁଲ ଛାଡି ଶ୍ରମିକ ସାଜୁଛନ୍ତି । ତେଣୁ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ବିଶେଷ କରି ଗ୍ରାମାଞ୍ଚଳ ଓ ସ୍ଲମ ଅଞ୍ଚଳରେ ଏହା ଅଧିକ ଦେଖା ଦେଇଥାଏ । ତେଣୁ ପ୍ରତି ପଞ୍ଚାୟତରେ ଅଧିକରୁ ଅଧିକ ସଚେତନତା ଆବଶ୍ୟକ । ଯେଉଁମାନେ ଶିଶୁମାନଙ୍କୁ କାମରେ ନିୟୋଜିତ କରାଉଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମ ବିଭାଗକୁ କୁହାଯାଇଛି । ଉଦ୍ଧାର ଶିଶୁମାନଙ୍କୁ ସରକାରୀ ସ୍ତରରେ ଯେଉଁ ସବୁ ଯୋଜନା ରହିଛି ତାହା କିପରି ସେମାନେ ପାଇବେ ତାହା କରିବା ଆବଶ୍ୟକ । ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ । ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବାପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ । ଶିଶୁର ସୁରକ୍ଷା ଓ ସାମଗ୍ରିକ କଲ୍ୟାଣପାଇଁ ସମସ୍ତ ଅଂଶୀଦାରଙ୍କ ମିଳିତ ପ୍ରୟାସ ଆବଶ୍ୟକ । ଏକ ବର୍ଷ ମଧ୍ୟରେ ଜିଲ୍ଲାରେ ଶ୍ରମ ବିଭାଗ ପକ୍ଷରୁ ୫୧ଟି ସ୍ଥାନରେ ଚଢାଉ କରାଯାଇଛି । ୪ଜଣ ନାମରେ ମମଲା ମଧ୍ୟ ହୋଇଥିବା ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି । ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି ତାହାକୁ ବୈଠକରେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟ ଅତିରିକ୍ତ ଜିଲାପାଳ ସୁନିଲ କେର୍କାଟା,ଅତିରିକ୍ତ ଏସପି, ଡିସିପିଓ,ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଅଧିକାରୀ, ଛତ୍ରପୁର ଶ୍ରମ ଅଧିକାରିଣୀ ବର୍ଷାରାଣୀ ଜେନା, ବ୍ରହ୍ମପୁର ଶ୍ରମ ଅଧିକାରୀ ସୁଭଲକ୍ଷ୍ମୀ ବେହେରା, ଏ ଡ଼ିଏଲଓ ବି.ହୃଷୀକେଶ ରାଓ, ପ୍ରଭାସିନୀ ସ୍ୱାଇଁ ଓ ସୋମନାଥ ପାତ୍ରଙ୍କ ସମେତ କାଜୁ ଆସୋସିଏସନ, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସଂଘର କର୍ମକର୍ତା ମାନେ ଉପସ୍ଥିତ ଥିଲେ ।



## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର,୧୯।୬(ସମିସ): ଫାଷ୍ଟଟ୍ରାକ ପୋକସ ଜଜ ରୋହିତଲାଲ ପଣ୍ଡା ବଳାତ୍କାର ମାମଲାର ଶୁଣାଣି କରି ଗାଙ୍ଗପୁର ଅଂଚଳରେ ଶଶାଙ୍କ ଶେଖର ନାଇକ(୨୫) କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହିତ ୫୫ ହଜାର ଟଙ୍କା ଜରିମାନା ଦେବାକୁ ସେ ନିର୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ରହିଛି । ସେହିପରି ପିଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୨୦୨୨ ମସିହାରେ ଉକ୍ତ ଥାନା ଅଞ୍ଚଳରେ ନାବାଳିକା ଜଣଙ୍କ ଘରେ ଥିଲେ । ସେହି ସମୟରେ ଉପରୋକ୍ତ ଅଭିଯୁକ୍ତ ଘରେ ପଶି ତାଙ୍କୁ ଭୟଭୀତ କରି ସେ ଦୁଷ୍କର୍ମ କରିଥିଲେ । ଏନେଇ ତାଙ୍କ ବାପାଙ୍କ ସେ ଜଣାଇଥିଲେ । ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ ପିଡ଼ିତାଙ୍କ ବାପା । ପୋଲିସ ୩୭ ୯/୨୬ ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ତଦନ୍ତକାରୀ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ମାମଲାର ବିଚାରଣା ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଶୁଣାଣି ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ ଓ ଉକ୍ତ ଚାର୍ଜସିଟ ଆଧାରରେ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ଼. ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ଅନ୍ତରବାଟିଆ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ



ବ୍ରହ୍ମପୁର,୧୯।୬(ସମିସ): ରଙ୍ଗେଇଲୁଣ୍ଡା ପଞ୍ଚାୟତ ଅଧୀନସ୍ଥ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳି ଠାରେ ବିପର୍ଯ୍ୟୟ ପରିଚାଳନା ବେଳେ ଲୋକଙ୍କ ସୁରକ୍ଷା କିଭଳି ଦିଅଯାଇପାରିବ ସେନେଇ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ଛତ୍ରପୁରର ଓଡ୍ରାଫ ଟିମ ଉପସ୍ଥିତ ରହି ଲୋକଙ୍କୁ ମକଡ୍ରିଲ ମାଧ୍ୟମରେ ଡେମୋ ଦେଖାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓସଡ଼ମା ର ଜି.ଏମ ଡ଼.ବେବିତା ମଞ୍ଜରୀ ନାୟକ,ଅତିରିକ୍ତ ଜିଲ୍ଲାପାଳ ସୁନୀଲ ସାଇ ଦେବାଶିଷ ,ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, ଡିପିଓ ଦେବେନ୍ଦ୍ର ନାୟକ, ପଞ୍ଚାୟତ ପିଇଓ ରାଜେନ୍ଦ୍ର ବେହେରା, ଆଶ୍ରୟସ୍ଥଳି ସମ୍ପାଦକ ରାମହରି ଦାସ, ମିଶନଶକ୍ତିର ସଭାନେତ୍ରୀ ଅର୍ଚ୍ଚନା ପଟନାୟକ, ସମ୍ପାଦକ ଅମ୍ବିକା ଗୌଡ଼, ଏମବିକେ ସି.ଏଚ.ଉଷାଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

## ବଜ୍ରପାତରେ ଜଣେ ମହିଳା ମୃତ, ଅନ୍ୟ ଜଣେ ଗୁରୁତର

ବୁଗୁଡା.୧୯।୬(ସମିସ) : ଶୁକ୍ରବାର ଅପରାହ୍ଣରେ ବିଜୁଳି ଓ ଘଡଘଡି ସହ ବର୍ଷା ହେଉଥିବା ସମୟରେ ବୁଗୁଡ଼ା ଅଞ୍ଚଳର ଜଣେ ମହିଳା ବଜ୍ରପାତରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ ଖୋଲଖାଲି ଗ୍ରାମର ସୁବାସ ଚନ୍ଦ୍ର ସାମଲଙ୍କ ପତ୍ନୀ ଶାନ୍ତି ସାମଲ (୪୫) ଏବଂ ଗୁରୁତର ମହିଳା ଜଣକ ହେଲେ କୁଆଁନଳା ଗାଁର ସୀତାରାମ ବେହେରାଙ୍କ ସ୍ତ୍ରୀ ତୁଳା ବେହେରା (୫୫) । ଘଟଣାରୁ ପ୍ରକାଶ ଯେ, ବିଜୁଳି ଓ ଘଡଘଡି ସହ ବର୍ଷା ହେଉଥିବା ସମୟରେ ଶାନ୍ତି ଗାଁ ପୋଖରୀରେ ଗାଧୋଉଥିଲା ବେଳେ ସେ ବଜ୍ରପାତର ଶିକାର ହୋଇଥିଲେ । ତାଙ୍କୁ ସେଠାରୁ ଆହତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ସେହି ବର୍ଷା ସମୟରେ ତୁଳା ତାଙ୍କର ବିଲରେ କାମ କରୁଥିଲା ବେଳେ ବଜ୍ରପାତରେ ଆହତ ହୋଇଥିଲେ । ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ଦେହାନ୍ତ



ବେଗୁନିଆପଡ଼ା,୧୯।୬(ସମିସ): ବର୍ଷିୟାନ୍ ଶିକ୍ଷାବିତ୍ ତଥା ଜନତା ହାଇସ୍କୁଲ ର ପ୍ରାକ୍ତନ ଜନପ୍ରିୟ ତଥା ଯଶସ୍ୱୀ ପ୍ରଧାନ ଶିକ୍ଷକ ଗୋଦାବରୀଶ ମିଶ୍ରଙ୍କ ଆଜି ପୈତୃକ ଗ୍ରାମ ହରିଚନ୍ଦନପୁର (ଗମ୍ଭାରୀମୁଣ୍ଡା) ରେ ଦେହାନ୍ତ ହୋଇଯାଇଛି । ଜନତା ହାଇସ୍କୁଲ ରେ ମିନି ଷ୍ଟାଡିୟମ୍ ଓ ବେଗୁନିଆ ପଡ଼ା ଠାରେ ଜନତା ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ଗୁରୁ ଭୂମିକା ଅବିସ୍ମରଣୀୟ । ୧୯୮୯ ରୁ ୧୯୯୭ ତାଙ୍କ କାର୍ଯ୍ୟ କାଳ ମଧ୍ୟରେ ଚକ୍ଷୁ ଶିବିର, ନବପ୍ରତିଷ୍ଠୀତ ହାଇସ୍କୁଲ ମାନଙ୍କରେ ଶୈକ୍ଷିକ ମାନ ବୃଦ୍ଧି ପାଇଁ ପ୍ରଯତ୍ନ ବିଭିନ୍ନ ସଭା ସମିତିରେ ଦୀକ୍ଷାନ୍ତ ଉଦବୋଧନ ଇତ୍ୟାଦି ସକାଶେ ବେଶ୍ ପରିଚିତ । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । ଶେଷ ଶଯ୍ୟାରେ ତାଙ୍କର ୪ ପୁତ୍ର,ପୁତ୍ର ବଧୂ ଏକମାତ୍ର କନ୍ୟା, ଜାମାତା ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ ।

### ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍‌ସେବା

# ଆଡମିଟ୍ କାର୍ଡ ଦେଖାଇଲେ ମିଳିବ ସୁବିଧା

ଛତ୍ରପୁର ,୧୯।୬(ସମିସ): ଜୁନ ୨୧ରେ ନିଟ୍ (ୟୁଜି) ୨୦୨୬ ପୁନଃପରୀକ୍ଷା ହେବ । ପରୀକ୍ଷାର୍ଥୀମାନଙ୍କ ପାଇଁ ଓଡ଼ିଶା ସରକାର ଏକ ବଡ଼ ସହାୟତାମୂଳକ ପଦକ୍ଷେପ ନେଇଛନ୍ତି । ପରୀକ୍ଷାର୍ଥୀମାନେ ରାଜ୍ୟରେ ଚଳାଚଳ କରୁଥିବା ସରକାରୀ ବସ୍‌ରେ ମାଗଣାରେ ଯାତ୍ରା କରିପାରିବେ । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପୂର୍ବରୁ ର୍ନିଶେ ଜାରି କରାଯାଇଛି । ଅନ୍ୟ ପକ୍ଷରେ ଗଞ୍ଜାମ ଜିଲ୍ଲା ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଛି । ଗଞ୍ଜାମ ଜିଲ୍ଲାରେ ୧୧ ଟି କେନ୍ଦ୍ରରେ ପରୀକ୍ଷା ହେବ । ୪ ଟି ସ୍ଥାନରୁ ୪୨ଟି ବସ ସେବା ସୁବିଧା ଯୋଗାଇ ଦିଆଯିବ ବୋଲି ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଙ୍କ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି । ଛତ୍ରପୁର ବସଷ୍ଟାଣ୍ଡ, ତୁତୁମା କଲୋନୀ, ହଳଦିଆପଦର ବସ ଟର୍ମିନାଲ, ବ୍ରହ୍ମପୁର ଷ୍ଟେସନରୁ ନିଟ ଛାତ୍ର/ଛାତ୍ରୀଙ୍କୁ ମିଳିବ ମାଗଣା ବସ ସେବା ଏହା ସହ ତାଙ୍କ ସହ ଥିବା ଅଭିଭାବକ ମଧ୍ୟ କେନ୍ଦ୍ରକୁ ଯାଇପାରିବେ । ପରୀକ୍ଷାର୍ଥୀମାନେ କେବଳ ନିଜର ବୈଧ ନିଟ୍ ଆଡମିଟ୍ କାର୍ଡ ଦେଖାଇବାକୁ ପଡିବ । ଏହି ୪ ଟି ସ୍ଥାନରୁ ଜଣେ ଲେଖାଏ ନୋଡାଲ ଅଧିକାରୀ ରହିବେ । କ୍ରୁଟ, ଓଏସଆରଟିସି ଓ ମୁଖ୍ୟମନ୍ତ୍ରୀ ବସ ସେବା ପକ୍ଷରୁ ମଧ୍ୟ ଉକ୍ତ ଦିନ ପରୀକ୍ଷାର୍ଥୀମାନେ ମଧ୍ୟ ମାଗଣା ବସ ସେବା ଯୋଗେଇ ଦିଆଯିବ । ସେହିପରି ବ୍ଲକ ରୁ ମୁଖ୍ୟାଳୟକୁ ଆସୁଥିବା ଏହି ବସ ଗୁଡିକରେ ମଧ୍ୟ ମାଗଣା ସେବା ଯୋଗାଇଦିଆଯିବ । ଏହି ବ୍ୟବସ୍ଥାକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ପାଇଁ ଗଞ୍ଜାମ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛି । ଗ୍ରୀଷ୍ମ ପ୍ରବାହ ଜନିତ ଅସୁବିଧାକୁ ଦୃଷ୍ଟିରେ ରଖି ବସରେ ପାନୀୟ ଜଳ ସମେତ ଓଆରଏସ ବ୍ୟବସ୍ଥା ରହିବ । ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସହଜରେ ପହଞ୍ଚିବା ପାଇଁ ଏହି ମାଗଣା ଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି । ଏହି ସେବା ୮ ଆରମ୍ଭରୁ ହେବା ସହ ପରୀକ୍ଷା ସରିବା ପରେ ମଧ୍ୟ ପରୀକ୍ଷାର୍ଥୀମାନେ ଆସିବାର ବ୍ୟବସ୍ଥା ରହିଛି ।

**୪ଟି ସ୍ଥାନରୁ ପରୀକ୍ଷା କେନ୍ଦ୍ରକୁ ଯିବ ବସ**

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଚମକିଲେ ଓଡ଼ିଆ ଯୁବକ

# ଛତ୍ରପୁରରେ ଶିବଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଗ୍ରାମବାସୀ



**ଛତ୍ରପୁର ୧୯।୬(ସମିସ) :** ଜାତୀୟ ସ୍ତରରେ ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚମକିଲେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠ ଆଲିଆବାଦ ଗ୍ରାମର ଶିବ କୁମାର ନାୟକ । ବେଙ୍ଗାଲୁରୁରେ ଆୟୋଜିତ ଦୁଇଟି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି । ବେଙ୍ଗାଲୁରୁର କେପିଟି ମଲରେ ଜିଜୁ ପକ୍ଷରୁ ଆୟୋଜିତ ଜାତୀୟସ୍ତରର ଏକଷ୍ଟ୍ରିମପ୍ରୋ ଇଣ୍ଡିଆ ୨୦୨୬ରେ ଶ୍ରେଷ୍ଠ ୫ ଜଣଙ୍କ ଭିତରେ ସ୍ଥାନିତ ହୋଇଛନ୍ତି । ସେହିପରି ମିଷ୍ଟର ଇଣ୍ଡିଆ ୮୦ କେଜିରୁ ଅଧିକ ବର୍ଗର କାର୍ଯ୍ୟକ୍ରମରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୩୦ ବର୍ଷର ଏହି ଓଡ଼ିଆ ଯୁବକ ଶିବ ଗତ ୨୦୧୦ ମସିହାରୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ପୂର୍ବରୁ ସାଉଥ ଇଣ୍ଡିଆ, ମିଷ୍ଟର କର୍ଣ୍ଣାଟକ, ମିଷ୍ଟର ତେଲେଙ୍ଗାନା ଓ ମିଷ୍ଟର ଆନ୍ଧ୍ରା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି । ଶୁକ୍ରବାର ଶିବ ଛତ୍ରପୁରରେ ପହଞ୍ଚିବା ପରେ ତାଙ୍କୁ ତାଙ୍କ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗ୍ରାମବାସୀ ମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ତାଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ । ଫୁଲ, ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## ଗଜପତି ନଗରରେ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୯।୬(ସମିସ): ବିଏମସି ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଜାରି ରହିଛି । ଏହିକ୍ରମରେ ଗଜପତିନଗର ପାଠାଗାର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସ୍ଥାନୀୟ କର୍ପୋରେଟ ସମୀର କୁମାର ମିଶ୍ର ଯୋଗ ଦେଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା । ଏଗୁଡ଼ିକର ଆବେଦନ ଓ ବିଭିନ୍ନ ନୀତି ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା ।

## ପ୍ରଧାନ ଆଚାର୍ଯ୍ୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବେଲଗୁଣ୍ଠା,୧୯।୬(ସମିସ):** ବେଲଗୁଣ୍ଠା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କାର୍ଯ୍ୟରତ ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବା ଯୋଗୁଁ ତାଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଓଡ଼ିଶା ଶିକ୍ଷା ବିକାଶ ସଂସ୍ଥାନଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମହାପାତ୍ରଙ୍କୁ ରମ୍ଭା ବଦଳି କରାଯାଇଛି । ସେହିପରି ଶ୍ରୀ ମହାପାତ୍ରଙ୍କ ସ୍ଥାନରେ ଟିକାବାଲି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରୁ ବଦଳି ହୋଇ ଆସିଥିବା ସନ୍ତୋଷ କୁମାର ବିଷୋୟୀଙ୍କୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର ନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନୁଷ୍ଠାନର ସଂପାଦକ ପବିତ୍ର କୁମାର ସାହୁ, ସହ ସମ୍ପାଦକ ସୂର୍ଯ୍ୟନାରାୟଣ ପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ସୁବୁଦ୍ଧି ଏବଂ ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରି ହଜାରେ କର୍ମୀଙ୍କ ପୁରୀ ଯାତ୍ରା



ଖଲ୍ଲିକୋଟ,୧୯।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସର୍ବାଧିକ ୧୨ ବର୍ଷ ଧରି ଏକ ଲମ୍ବା ସମୟ ଭାବେ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିଥିବାରୁ ତାଙ୍କର ଦୀର୍ଘାୟୁ କାମନା କରି ଆଜି ହଜାରେ ବିଜେପି କର୍ମୀ ପୁରୀ ଲୋକନାଥଙ୍କ ପୀଠକୁ ଯାତ୍ରା କରିଛନ୍ତି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠିଙ୍କ ତତ୍ତ୍ୱାବଧାନରେ ପ୍ରାୟ ଶହେଟି ଗାଡିରେ ୧୦୦୦ କର୍ମୀଙ୍କୁ ନେଇ ଖଲ୍ଲିକୋଟ ଗୁପ୍ତେଶ୍ୱର ମନ୍ଦିର ଠାରୁ ପୁରୀ ଲୋକନାଥ ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ନିରାମୟ ଓ ଦେଶର ବିକାଶଧାରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ୧୦୦୦ ଦୀପଦାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି କହିଛନ୍ତି । ତେବେ ସାଂସଦ ଗୋଷ୍ଠୀଙ୍କୁ ମୁକାବିଲା କରିବା ପାଇଁ ହଜାରେ ଯୁବକଙ୍କୁ ନେଇ ବିଧାୟକ ପୂର୍ଣ୍ଣ ସେନା ଗଠନ କରିବାକୁ ପୁରୀ ଲୋକନାଥଙ୍କ ପୀଠକୁ ଯାଇଥିବା ସାଧାରଣରେ ଆଲୋଚନା ହେଉଛି ।

## ଭକ୍ତ ଦାସ ଓ ସୁର ରାଉତରାୟଙ୍କୁ ଛତ୍ରପୁରରେ ସ୍ୱାଗତ ସମ୍ବର୍ଦ୍ଧନା

ଛତ୍ରପୁର, ୧୯।୬(ସମିସ): ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଗଞ୍ଜାମ ଜିଲ୍ଲା ଆସିକା ବାଲିସିରା ଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଯୋଗଦେବା ନିମନ୍ତେ ଯାଉଥିବା ବେଳେ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟଙ୍କୁ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟି ପକ୍ଷରୁ ସଭାପତି କାଳିଆ ରାଉଳଙ୍କ ନେତୃତ୍ୱରେ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ଶତ୍ରୁଘ୍ନ ବେହେରା ଦିଲ୍ଲୀପ ପଟ୍ଟନାୟକ, ମାଧବ ରେଡ୍ଡି, ଲିଙ୍ଗରାଜ ନାୟକ, ସତ୍ୟନାରାୟଣ ରେଡ୍ଡି, ସବିତା ପଟ୍ଟନାୟକ, ଅମିତ କୁମାର ପଟ୍ଟନାୟକ, ମିଟୁ ପ୍ରଧାନ ଓ କାଳିଆ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇ ଥିଲେ ।

# ଭୋଟର ତାଲିକା ସଂଶୋଧନରେ ଚିନ୍ତା ବଢ଼ାଉଛି ସଚେତନତାର ଅଭାବ

**ବ୍ରହ୍ମପୁର,୧୯।୬(ସମିସ)**

ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍-ଏସଆଇଆର୍) କାର୍ଯ୍ୟକ୍ରମ ଜୋରଦାର ଭାବେ ଚାଲିଥିବା ବେଳେ ଭୋଟର ତାଲିକାକୁ ଅଧିକ ସଠିକ୍ ଏବଂ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛି । ଘର ଘର ଗଣନା, ପୂର୍ବରୁ ପୂରଣ ହୋଇଥିବା ଫର୍ମର ଯାଞ୍ଚ, ପୁରୁଣା ଭୋଟର ତଥ୍ୟର ସତ୍ୟତା ପରୀକ୍ଷା ସହ ଡିଜିଟାଲାଇଜେସନ କାର୍ଯ୍ୟ ଜାରି ରହିଛି । ତେବେ ସର୍ଭେ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ସୂଚନାର ଅଭାବ ଥିବାରୁ ବିଭିନ୍ନ ଭ୍ରାନ୍ତ ଧାରଣା ସୃଷ୍ଟି ହେଉଥିବା ଦେଖାଯାଇଛି । ଏସଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରୁ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ, ଡୁପ୍ଲିକେଟ୍ ଏବଂ ଅଣ-ନାଗରିକ ଭୋଟରଙ୍କ ନାମକୁ ବାଦ ଦେଇ ଏକ ସଠିକ୍ ଏବଂ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା । ଏହା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ନିର୍ଭୁଲତା ବଜାୟ ରଖିବାକୁ ଉଦ୍ୟମ କରାଯାଉଛି । ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୨୦୦ଟି ବୁଥ ରହିଛି, ଯାହା ବ୍ରହ୍ମପୁର ଏବଂ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ । ପ୍ରତ୍ୟେକ ବୁଥ ପାଇଁ ଜଣେ ଲେଖାଏଁ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ନିଯୁକ୍ତ ହୋଇଥିବା ବେଳେ ଅଧିକ ଭୋଟର ଥିବା ସ୍ଥାନରେ ସହାୟକ କର୍ମଚାରୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି । ସମଗ୍ର ପ୍ରକ୍ରିୟାର ତଦାରଖ ପାଇଁ ପ୍ରାୟ ୨୦ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ସୂଚନା ଅନୁଯାୟୀ, ଭୋଟରଙ୍କ ନିକଟରେ ଫର୍ମ ବଣ୍ଟନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି । ବର୍ତ୍ତମାନ ଫର୍ମଗୁଡ଼ିକର ଡିଜିଟାଲାଇଜେସନ କାମ ଚାଲିଛି ଏବଂ ଏଯାବତ୍ ୫୦ ପ୍ରତିଶତରୁ ଅଧିକ ତଥ୍ୟ ଅନଲାଇନ୍ ଅପଲୋଡ୍ କରାଯାଇଛି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଆଇଟି କେନ୍ଦ୍ର ଖୋଲାଯାଇଛି । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି । ବ୍ରହ୍ମପୁର ମହାନଗର ନିଗମର ସହକାରୀ ଆୟୁକ୍ତ ବିଭୁ ପ୍ରସାଦ ମହାପାତ୍ର କହିଛନ୍ତି ଯେ, ଆସନ୍ତା ୨୮ ତାରିଖ ପରେ ବ୍ୟକ୍ତିଗତ ଭାବେ ଅଭିଯୋଗ ଏବଂ ଜନଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ । ଯେଉଁ ଭୋଟରଙ୍କ ନାମ ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିବ, ସେଗୁଡ଼ିକର ଶୁଣାଣି କରାଯିବ ଏବଂ ଯଥାଯଥ ସମାଧାନ ଦିଆଯିବ । ଏହି ଅଭିଯୋଗ ଶୁଣାଣି ପ୍ରକ୍ରିୟା ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ରଙ୍କ ଦାୟିତ୍ୱରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୫ଟି ୱାର୍ଡ ରହିଛି । ଏହି ଅଞ୍ଚଳରେ ୩୩ଟି ବୁଥ ଥିବା ବେଳେ ଅଧିକ ଭୋଟର ସଂଖ୍ୟା ଥିବା ସ୍ଥାନରେ ଅତିରିକ୍ତ ସହାୟକ ନିଯୁକ୍ତ କରାଯାଇଥିବା ସେ କହିଛନ୍ତି । ଭୋଟରଙ୍କ ସୁବିଧା ଏବଂ ତଥ୍ୟର ସଠିକତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ତେବେ ସର୍ଭେ ପ୍ରକ୍ରିୟା ନେଇ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଏହାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ସମ୍ପର୍କରେ ଅନେକ ଦ୍ୱନ୍ଦ୍ୱ ରହିଛି । ଅନେକ ଲୋକ ଏବେ ମଧ୍ୟ ଭାବୁଛନ୍ତି ଯେ ଏସଆଇଆର୍ ସର୍ଭେ ପାଇଁ ଘରକୁ କୌଣସି କର୍ମଚାରୀ ନଆସିଲେ ସେମାନଙ୍କ ନାମ ଭୋଟର ତାଲିକାରୁ କଟିଯିବ । ଏହି ଭ୍ରାନ୍ତ ଧାରଣା ଯୋଗୁଁ ଅନେକ ଭୋଟରଙ୍କ ମନରେ ଆଶଙ୍କା ଦେଖାଦେଇଛି । ସାମାଜିକ କର୍ମୀ ଏବଂ ବିଭିନ୍ନ ମହଲର ମତ ଅନୁଯାୟୀ, ପ୍ରଶାସନ ପକ୍ଷରୁ ଆହୁରି ବ୍ୟାପକ ଭାବେ ଜନସଚେତନତା ଅଭିଯାନ ଚାଲାଇବା ଆବଶ୍ୟକ । ପ୍ରତ୍ୟେକ ଗଳି, ସାହି ଏବଂ ୱାର୍ଡ ସ୍ତରରେ ପ୍ରଚାର କରାଗଲେ ଲୋକମାନଙ୍କ ମଧ୍ୟରେ ଥିବା ଭୟ ଏବଂ ଦ୍ୱନ୍ଦ୍ୱ ଦୂର ହୋଇପାରିବ । ସେହିପରି ଭୋଟରମାନେ ନିଜର ତଥ୍ୟ ସଠିକ୍ ଭାବେ ଯାଞ୍ଚ କରି ଆବଶ୍ୟକ ସଂଶୋଧନ କରିବାକୁ ମଧ୍ୟ ସୁଯୋଗ ପାଇପାରିବେ ।

## ବଜ୍ରପାତରେ ଜଣେ ମହିଳା ଗୁରୁତର, ଆଉ ଦୁଇ ଆହତ



ଗୁମ୍ମା,୧୯।୬(ସମିସ): ଗୁମ୍ମା ବ୍ଲକ ଅନ୍ତର୍ଗତ ବଡ଼ କଳାକଟ ଗ୍ରାମରେ ଅପରାହ୍ଣ ସାଢ଼େ ୨ଟାରେ ହୋଇଥିବା କାଳବୈଶାଖୀ ବର୍ଷା ସମୟରେ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ଏବଂ ଦୁଇ ଜଣ ମହିଳା ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ନିଜ ଘରେ ଥିବା ବେଳେ ଏସମଣି ଭୂୟାଁ ଘରର କାନ୍ଥ ଉପରେ ହାତ ରଖି ଛିଡା ହୋଇଥିଲେ। ହଠାତ୍ ପ୍ରବଳ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ବଜ୍ରପାତର ପ୍ରଭାବରେ ସେ ଅଚେତ ହୋଇ ପଡ଼ିଥିଲେ ବାକି ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ଘଟଣା ଦେଖି ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ପ୍ରୟାସ ଜାରି ରଖିଛନ୍ତି।ବର୍ଷା ଋତୁ ଆରମ୍ଭ ହେବା ସହ ଅଞ୍ଚଳରେ ବାରମ୍ବାର ବଜ୍ରପାତ ଘଟଣା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଖରାପ ପାଗ ସମୟରେ ଖୋଲା ପଡ଼ିଆ, ଗଛ ତଳ ଓ ବିଦ୍ୟୁତ୍ ଖୁଣ୍ଟ ନିକଟରେ ନ ରହିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ଘର ଭିତରେ ବିଦ୍ୟୁତ ସଂସ୍ପର୍ଶରେ ଏପରି ଘଟଣା ଘଟୁଛି ବୋଲି ଆଲୋଚନା ହେଉଛି।

## ଖଜୁରୀପଡ଼ାରେ ମା ବାରକାଣ୍ଡିଙ୍କ ବାର୍ଷିକ ପୂଜା

ଫିରିଙ୍ଗିଆ,୧୯।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଖଜୁରୀପଡାର ଅଧିଷ୍ଠାତ୍ରୀ ଦେବୀ ମା ବାରକାଣ୍ଡି ଙ୍କ ଐତିହାସିକ ବାର୍ଷିକ ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି ଓ ଆବାହମାନ କାଳରୁ ଖଜୁରୀପଡା ଗ୍ରାମବାସୀ ମା ବାରକାଣ୍ଡିଙ୍କ ସହ ମା ବ୍ରଘ୍ୟ ଦେବୀ ଓ ମା କାଟୁମାରା ଦେବୀଙ୍କୁ ଶ୍ରଧାର ସହ ପୂଜା ଅର୍ଚ୍ଚନା କରି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ମା ଙ୍କ ଏହି ପୂଜା ବହୁ ଶ୍ରଦ୍ଧାର ସହ ଗ୍ରାମବାସୀ ପାଳନ କରିଛନ୍ତି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରାମବାସୀ ପାରମ୍ପରିକ ବାଜା ବାଦ୍ୟ ସହ ଦେବୀଙ୍କ ମୁଖ୍ୟ ପୂଜକ ଚତୁର୍ଭୁଜ ଦିଗାଲଙ୍କ ସହ ବାହକ ପଟ୍ଟନାୟକ ଦିଗାଲ ଙ୍କ ସହ ତାଙ୍କ ପରିବାର ଲୋକଙ୍କୁ ଏକ ବିରାଟ ପାଟୁଆରରେ ଦେବୀଙ୍କ ଅସ୍ଥାନକୁ ପାଛୋଟି ଆଣିଲା ପରେ ପୂଜା ପାଠ ଆରମ୍ଭ ହୋଇଥିଲା। ଏହି ପୂଜାରେ ସ୍ଥାନୀୟ ବାସିନ୍ଦାମାନଙ୍କ ସହ ପାଖଆଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ଏହି ପୂଜାକୁ ପୂଜକ ଓ ବହକଙ୍କ ପରିବାର ସଦସ୍ୟ ନୀଳକଣ୍ଠ ଦିଗାଲ, ସୁଶାନ୍ତ ଦିଗାଲ, ସୁବାଶ ଦିଗାଲଙ୍କ ସହ ଚୌଧୁରୀ ଦିଗାଲ, ଦେବରାଜ ଦିଗାଲ, ପ୍ରକାଶ ଦିଗାଲ, ବିପ୍ରଚରଣ ବେହେରା, ଅରୁଣ ଦିଗାଲ ସହ ଗ୍ରାମର ସମସ୍ତ ବୈଜ୍ୟେଷ୍ଠ ବ୍ୟକ୍ତି ଓ ମହିଳା ମନେ ଉପସ୍ଥିତ ଥିଲେ ଓ ଅନ୍ୟପଟେ ଏହି ପୂଜା କାର୍ଯ୍ୟକ୍ରମକୁ ମା ବାରକାଣ୍ଡି ଯୁବକ ସଙ୍ଘର ମୁଖ୍ୟ ଜଗନ୍ନାଥ ଦିଗାଲଙ୍କ ସହ ରାଜେଶ କୁମାର ଦିଗାଲ, ରାକେଶ ଦିଗାଲ, ଜ୍ଞାନରଞ୍ଜନ ଦିଗାଲ, ଶ୍ରୀମନ୍ତ ଶେଖର, ଶୁଭଙ୍କର ଦିଗାଲ, ଜ୍ଞାନଜ୍ୟୋତି ଦିଗାଲ,ଅଭିଜିତ ଦିଗାଲ, ଚନ୍ଦନ ଦିଗାଲଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସାମୂହିକ ସ୍ୱଚ୍ଛତା ଅଭିଯାନରେ ବିଧାୟକ ଓ ଜିଲ୍ଲାପାଳ ସାମିଲ



ରାୟଗଡ଼(ଗଜପତି)୧୯।୬(ସମିସ): ପ୍ରସିଦ୍ଧ ପର୍ଯ୍ୟଟନ ତଥା ପ୍ରାକୃତିକ ଐତିହ୍ୟସ୍ଥଳୀ ମହେନ୍ଦ୍ରଗିରି ପର୍ବତର ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମୂହିକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଥିଲା। ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ (ଉର୍‌ଡ) କେ. ନାଗାରାଜୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ରାୟଗଡ଼ ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଆର୍.ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ (ଝଉଚଡ) ରାକେଶ କୁମାର ସାହୁ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ବିଡିଓ ସନ୍ତୋଷ କୁମାର ବାରିକ, ଅନ୍ତର୍ଯ୍ୟାମୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନ ସମୟରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ହାତରେ ସ୍ୱେଚ୍ଛାକୃତ ଭାବେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ। ପର୍ବତର ଚାରିପାଖରେ ଜମା ହୋଇଥିବା ଆବର୍ଜନା ସଫା କରାଯିବା ସହ ପର୍ଯ୍ୟଟକମାନଙ୍କୁ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ପର୍ଯ୍ୟଟନର ବାର୍ତ୍ତା ଦିଆଯାଇଥିଲା। ଏହି ଅଭିଯାନ ଆଗାମୀ ଦିନରେ ମହେନ୍ଦ୍ରଗିରିରେ ସ୍ୱଚ୍ଛ ପର୍ଯ୍ୟଟନକୁ ବ୍ୟାପକ ପ୍ରୋତ୍ସାହନ ଦେବ ବୋଲି ପ୍ରଶାସନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

### ଜନ ପ୍ରତିନିଧିଙ୍କ ଅନୁପସ୍ଥିତିରେ ପଞ୍ଚାୟତ ଉନ୍ନୟନ ଯୋଜନାର ତାଲିମ

# ପ୍ରଶାସନ ଉପରେ ଅସନ୍ତୋଷ ଜାହିର କଲେ ସ୍ଥାନୀୟ ଜନପ୍ରତିନିଧି

ଫିରିଙ୍ଗିଆ,୧୯।୬(ସମିସ)

କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହାଯାଉଥିବା ଫିରିଙ୍ଗିଆ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ଏକ ସରକାରୀ ତାଲିମ କାର୍ଯ୍ୟକ୍ରମରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ତାଲିମଟି ଯେଉଁମାନଙ୍କ ପାଇ ଉଦ୍ଦିଷ୍ଟ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବ୍ୟକ୍ତି ଉପସ୍ଥିତ ନ ଥିବା ବେଳେ କେବଳ ସରକାରୀ କର୍ମଚାରୀମାନଙ୍କୁ ନେଇ ହୋଇଥିଲା। ଯାହାକୁ ନେଇ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଶ ଦେଖା ଦେଇଛି ଓ ସୂଚନା ଅନୁସାରେ ବ୍ଲକ ସଭାଗୃହ ଠାରେ ବ୍ଲକ ପ୍ରଶାସନ ତରଫରୁ ରାଜ୍ୟ ସରକାରଙ୍କ ପଞ୍ଚାୟତ ଉନ୍ନୟନ ଯୋଜନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିପିଓ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଦିଗାଲଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତି ଥିବା ବେଳେ ତାଙ୍କ ଅନୁପସ୍ଥିତିରେ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କିନ୍ତୁ ପଞ୍ଚାୟତ ମାନଙ୍କ ମୁଖ୍ୟ କୁହାଯାଉଥିବା ସରପଞ୍ଚମାନଙ୍କ ସହ ସମିତି ସଭ୍ୟ କିମ୍ବା କୌଣସି ୱାର୍ଡ ସଭ୍ୟ ଜଣେ ହେଲେ କେହି ଉପସ୍ଥିତ ନଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ଯଉ ମାନଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ହୋଇଥାଏ ସେମାନଙ୍କ ମଧ୍ୟରୁ କେହି ଉପସ୍ଥିତି ନଥିବା ବେଳେ ବ୍ଲକ ପ୍ରଶାସନ ଏହି ତାଲିମ କାର୍ଯ୍ୟକ୍ରମ କାହା ପାଇଁ ଆୟୋଜନ କରିଥିଲା। ଅନ୍ୟପଟେ ଏହି ଫିରିଙ୍ଗିଆ ବ୍ଲକରେ ବ୍ଲକ ପ୍ରଶାସନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରିଆସୁଥିବା ନେଇ ଶୀତଳ ଯୁଦ୍ଧ ଲାଗିରହିଥିବା ବେଳେ ପୁଣି ଥରେ ବ୍ଲକ ପ୍ରଶାସନ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି ମାନଙ୍କ ଅନୁପସ୍ଥିତିରେ ଏଭଳି ଏକ ତାଲିମ କାର୍ଯ୍ୟକ୍ରମ କରିବା ମୂଲ୍ୟହୀନ ବୋଲି କହିଛନ୍ତି ସ୍ଥାନୀୟ ଜନ ପ୍ରତିନିଧି। ସେପଟେ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଜିପିଓ ଚିତ୍ତରଞ୍ଜନ ଦିଗାଲ ଓ ବୈଠକକୁ ଆୟୋଜନ କରିଥିବା ଜିପିଓ କାର୍ଯ୍ୟାଳୟର ପେସା ସଂଯୋଜକ ପ୍ରଦୀପ ବାବୁଙ୍କୁ ପଚାରିବାରୁ ବ୍ଲକ ଅଧକ୍ଷାଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ୱାର୍ଡ ସଭ୍ୟମାନଙ୍କୁ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ବ୍ଲକ ପ୍ରଶାସନ ତରଫରୁ ଚିଠି କରାଯାଇଥିଲା। କିନ୍ତୁ କୌଣସି ଜନପ୍ରତିନିଧି ଯୋଗ ଦେଲେ ନାହିଁ ବୋଲି ସେ କହିଛନ୍ତି।

## ଜମି ବିବାଦରୁ ମରଣାନ୍ତକ ଆକ୍ରମଣ; ୪ ଗିରଫ

ପାରଳାଖେମୁଣ୍ଡି, ୧୮।୬ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାରିଆପଲ୍ଲୀ ଗ୍ରାମରେ ଏକ ଜମିଜମା ବିବାଦକୁ ନେଇ ଗତକାଲି ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଚାରି ଜଣଙ୍କୁ ଗିରଫ କରିଛି ଗୁରାଣ୍ଡି ପୋଲିସ। ସୂଚନା ପ୍ରକାରେ ଗୁରାଣ୍ଡି ଥାନାରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ବି.ଭାସ୍କର ରାଓ, ବି. ବାବୁରାଓ ଉଭୟେ ବାପପୁଅ ନିଜ ଜମିରେ କାର୍ଯ୍ୟ କରୁଥିବା ବେଳେ ସେହି ଗ୍ରାମର ବି.ଖଗେଶ୍ୱର ରାଓ, ବି. ଜ୍ଞାନେଶ୍ୱର ରାଓ, ବି. ତେଜଶ୍ୱର ରାଓ, ବି. ରାଙ୍ଗାରାଓ, ବି. ବାଲାରାଜୁ ଓ ଏନ୍. ମାଲେଶ୍ୱ ରାଓ ସଂଘବଦ୍ଧ ହୋଇ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଏମାନେ ଶାବଳ, କାତି, ଠେଙ୍ଗା ଭଳି ମାରନ୍ତାକ ଅସ୍ତ୍ରରେ ବି.ଭାସ୍କର ଏବଂ ବି. ବାବୁରାଓଙ୍କୁ ଆକ୍ରମଣ କରିଥିଲେ। ଏମାନଙ୍କ ମୁଣ୍ଡ ଓ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଥମେ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଏଠାରେ ମଧ୍ୟ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଯୋଗୁଁ ଉଚ୍ଚ ଚିକିତ୍ସା ନିମନ୍ତେ ଆନ୍ଧ୍ରର ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସେମାନଙ୍କ ପରିବାର ବର୍ଗ ନେଇ ଚିକିତ୍ସା କରାଉଛନ୍ତି। ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷ ଏବଂ ଆକ୍ରମଣ କରିଥିବା ସଭିଏଁ ଗୋଟିଏ ପରିବାରର ବୋଲି ଜଣାପଡିଛି। ତେବେ ଉଭୟ ପକ୍ଷରୁ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଛି ଏବଂ ଉଭୟ ପକ୍ଷର ମାମଲା ପୃଥକ ପୃଥକ ଭାବେ ଯଥା କ୍ରମେ ୯୪ ଓ ୯୫/୨୦୨୬ ପଞ୍ଜିକୃତ ହୋଇଛି । ତେବେ ବାବୁରାଙ୍କ ଅଭିଯୋଗ ପ୍ରକାରେ ମରଣାନ୍ତକ ଆକ୍ରମଣ କରିଥିବା ୬ ଜଣ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାର ଗୁରାଣ୍ଡି ଥାନା ଏସ୍‌ଆଇ ଅମ୍ବିକା ବେଣିଆ ସୂଚନା ଦେଇଛନ୍ତି ।

## ଏସ୍‌ଟିଇଏମ୍ ଶିକ୍ଷା କାର୍ଯ୍ୟକ୍ରମରେ ଶିଶୁଙ୍କ ସୃଜନ କ୍ଷମତାର ପ୍ରଦର୍ଶନ




ଜି ଉଦୟଗିରି,୧୯।୬(ସମିସ): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଗୁଟିଙ୍ଗିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆୟୋଜିତ ଏସ୍‌ଟିଇଏମ୍ କାର୍ଯ୍ୟକ୍ରମ ଉଦଯାପନି ଉତ୍ସବରେ ଶିଶୁମାନଙ୍କର ଅନୁଭୂତି, କଳ୍ପନାଶକ୍ତି,ସୃଜନ କ୍ଷମତା,ଏବଂ ବୈଜ୍ଞାନିକ ଚିନ୍ତାଧାରାର ଏକ ଅନନ୍ୟ ଝଲକ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ଅଭିଭାବକ, ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଛି।ଆଜିର ଏହି କାର୍ଯ୍ୟକ୍ରମ ରେମୁଖ୍ୟ ଅତିଥି ଭାବେ ଜି ଉଦୟଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ମାନ୍ୟବର ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏବଂ ସମ୍ମାନିତ ଅତିଥି ଭାବରେ ପିଏଆଇଟିଡିଏ ଫୁଲବାଣୀ ଯୁଧିଷ୍ଠିର ମେହେର, ଜୀବିକା ସୁରକ୍ଷା ମଞ୍ଚ କନ୍ଧମାଳ ଜିଲ୍ଲା ସଭାପତି ଦୁର୍ବାସା ସେଠି, ଆମ୍ଭ ଶକ୍ତିଟ୍ରଷ୍ଟ ସାଥି ପଞ୍ଚାନନ ପ୍ରଧାନ, ମାନସ ରଞ୍ଜନ ବେହେରା, ଜି ଉଦୟଗିରି ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ ଓଡିଶା ଶ୍ରମଜୀବୀ ଆବାହକ ଅଞ୍ଜନ ପ୍ରଧାନ, ମନ୍ତ୍ରଫର ଚେଞ୍ଜ ସାଥି ଶୁଭଙ୍କର ନାୟକ, ସାଥି ଆରଫିନ, ଜୀବିକା ସୁରକ୍ଷା ମଞ୍ଚ ଟିକାବାଲି ବ୍ଲକ ସମ୍ପାଦକ କରମ ଚାନ୍ଦ ପ୍ରଧାନ, ସିଆରସିସି ମୁରଲୀ ଧର ପଲେଇ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସଂଗଠନ ର କର୍ମୀ ସସ୍ମିତା ମଲିକ, ସୁଧାକର ପ୍ରଧାନ, ସିଦ୍ଧେଶ୍ୱର ନାୟକ, ସିମିଳାରାଣୀ ପତ୍ରା, ଉପସ୍ଥିତ ଥିଲେ। ଉଦଯାପନି କାର୍ଯ୍ୟକ୍ରମରେ ଶିଶୁମାନେ ବିଭିନ୍ନ ବିଜ୍ଞାନ ମଡେଲ, ପରୀକ୍ଷଣ ଓ ଶିକ୍ଷଣ କାର୍ଯ୍ୟକଳାପ, ଅଭିନେତା ଓ ବୈଜ୍ଞାନିକ ଚିନ୍ତାଧାରା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗଠନର କର୍ମୀ ସଂଜୀବ ଦିଗାଲ।

## ନୂଆଗଡ଼ରେ 'ବିକାଶ ଧାରା, ଓଡ଼ିଶା ସାରା'



ନୂଆଗଡ଼,୧୯।୬(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ପଞ୍ଚାୟତ ସମିତି ପରିସର ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ବିକାଶର ଧାରା ଓଡିଶା ସାରା' କୃଷକ ସମ୍ବାଦ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ସନମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ, ଉପାଧକ୍ଷ ନିହିମିୟା ରଇତ ସମେତ ଆମ୍ଭ ଅନୁଷ୍ଠାନର ବ୍ଲକ ଅଧକ୍ଷ ଦାଉଦ ରଇତ, ବ୍ଲକ କୃଷି ଅଧିକାରୀ ଭେବେନ୍ଦ୍ର ମୁର୍ମୁ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ପ୍ରସାଦ ଦାସ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ତପସ୍ୱିନୀ ନାୟକ,ସହକାରୀ ମତ୍ସ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ସାବତ ମଞ୍ଚାସିନ ହୋଇଥିଲା ବେଳେ ବ୍ଲକର ବିଭିନ୍ନ ପ୍ରକାର ଚାଷୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ମତ୍ସ୍ୟ ବିଭାଗରେ ସରକାରଙ୍କ ବିଭିନ୍ନ ଜଯୋଜନା କଣ ସବୁ ରହିଛି। ଯୋଜନା ମାଧ୍ୟମରେ ଲୋକେ ବିଭିନ୍ନ ଚାଷକୁ ଆପଣାଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବିଭାଗୀୟ ଅଧିକାରୀ ଲୋକଙ୍କୁ ସଚେତନ କରାଇ ଥିଲେ। ବ୍ଲକର ବିଭିନ୍ନ ଉତ୍ତମ ବା ପ୍ରଗତିଶୀଳ ଚାଷୀଙ୍କୁ ମନନୀତ କରି ଏଠାରେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶସାଙ୍କ ଶେଖର ସୁବୁଦ୍ଧି ପରିଚାନା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ଛବିରାଣୀ ମହାନ୍ତି, ବିଟିଏମ ଦୀପକ ଗୌତମ ପରିଚାଳନରେ ସହଯୋଗ କରିଥିଲେ।

## 'ମୋ ଗାଁ ମୋ ତହସିଲ' କ୍ୟାମ୍ପ କୋର୍ଟରେ ୫୧ ଜଣଙ୍କୁ ଜମିପଟ୍ଟା

ଜି.ଉଦୟଗିରି,୧୯।୬(ସମିସ): ଜି. ଉଦୟଗିରି ତହସିଲ ଅଧୀନସ୍ଥ କଳିଙ୍ଗା ପଞ୍ଚାୟତର ଦୁଗୁଡ଼ିପାରି ଗ୍ରାମରେ ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ "ମୋ ଗାଁ ମୋ ତହସିଲ' କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଳିଙ୍ଗା ଅଞ୍ଚଳବାସୀଙ୍କ ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଏହି ଶିବିରରେ ତହସିଲଦାର ସମୁଦ୍ର ମିଶ୍ରଙ୍କ ସମେତ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା,ରାଜସ୍ୱ ସୁପରଭାଇଜର ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଲୋକଙ୍କ ରାଜସ୍ୱ ସମ୍ବନ୍ଧୀୟ ଆପତ୍ତି ଏବଂ ଅଭିଯୋଗ ଶୁଣିଥିଲେ ଓ ସେହିଭଳି କଳିଙ୍ଗା ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ସାହୁ ଏବଂ ଅମିନ ପ୍ରଭାତୀ ମଞ୍ଜରୀ ବେହେରା, ଶୁଭଶ୍ରୀ ପ୍ରଧାନ ଶିବିର ପରିଚାଳନା ରେ ସହଯୋଗ କରିଥିଲେ। ସ୍ୱତନ୍ତ୍ର ଶିବିର ମାଧମରେ ଦୁଗୁଡ଼ିପାରି ଗ୍ରାମର ପ୍ରାୟ ୫୧ ଜଣ ହିତାଧିକାରୀଙ୍କ ପୈତୃକ ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରାଯାଇଛି। ଜମି ମାଲିକାନାକୁ ପରିବାର ସଦସ୍ୟଙ୍କ ନାମରେ ସଂଶୋଧନ କରାଯାଇ ଆବଶ୍ୟକ କାଗଜ ପତ୍ର ପ୍ରଦାନ କରାଯାଇଥିବା ସୂଚନା ଓ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ଲୋକଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇଥିବାରୁ ଜି.ଉଦୟଗିରି ତହସିଲ ପ୍ରଶାସନକୁ ଧନ୍ୟବାଦ ଦେବା ସହ କଳିଙ୍ଗା ର ଦୁଗୁଡ଼ିପାରି ଅଞ୍ଚଳ ବାସୀ ଖୁସୀ ପ୍ରକଟ କରିଛନ୍ତି।



## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି, ୧୯।୬ (ସମିସ) : ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଓ ବନ୍ୟା-ବାତ୍ୟା ସମୟରେ ଜନସାଧାରଣଙ୍କୁ କିପରି ସୁରକ୍ଷିତ ବାବେ ଉଦ୍ଧାର କରାଯାଇ ପାରିବ ସେନେଇ ଟେବୁଲ ଟପ୍ ଏକ୍ସରସାଇଜ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଏସପିସି ସୁବୋଧ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଡେପୁଟି ଏସପି ମାଧବାନନ୍ଦ ନାୟକ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଧୀରେନ କୁମାର ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଜବାନଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ





ପାରଳାଖେମୁଣ୍ଡି,୧୯।୬ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ତାଟିପାଟି ଗ୍ରାମର ଜଣେ ଜବାନ ସହିଦ ହୋଇଛନ୍ତି। ସେ କାର୍ଯ୍ୟରତ ଥିବା ସମୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିବାର ଜଣାଯାଇଛି। ପ୍ରକାଶ ଯେ ତାଟିପାଟି ଗ୍ରାମର ସହୀଦ ଜବାନ ବିଏମପି ବାନ୍ଦରା ଦେବେନ୍ଦ୍ର ରାଓ (୩୩) ୧୬ ରାଷ୍ଟ୍ରୀୟ ରାଇଫଲରେ ନାଏକ ପଦବୀରେ ଅଧିଷ୍ଠ ରହିଥିଲେ। ଜମ୍ମୁର ସୁରାନକୋଟ ଠାରେ ଥିବା ସେନା ମୁଖ୍ୟାଳୟରେ ନିୟୋଜିତ ରହିଥିଲେ। ତେବେ ଗୁରୁବାର ରାତ୍ର ସେ ନିଜ ଡ୍ୟୁଟିରେ ରହିଥିବା ବେଳେ ବଡିଭୋର୍ ସମୟରେ ତାଙ୍କର ସନ୍ଦେହଜନକ ଭାବେ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଯାହାକି ସେଠାରେ ନିୟୋଜିତ ସେନା ଅଧିକାରୀ ମାନେ ମୃତଦେହକୁ ଉଦ୍ଧାର କରି ମୃତଦେହକୁ ଆଇନଗତ ଔପଚାରିକତା ଏବଂ ବ୍ୟବଚ୍ଛେଦ ପ୍ରକ୍ରିୟା ପାଇଁ ସ୍ଥାନୀୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ଏହି ଖବର ଗ୍ରାମରେ ପ୍ରଚାରିତ ହେବା ପରେ ତାଙ୍କ ପରିବାର ଏବଂ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଜି ସକାଳୁ ସକାଳୁ ଦେବେନ୍ଦ୍ର ରାଓଙ୍କ ମୃତ ଶରୀରକୁ ସାଥି ୧୬ ରାଷ୍ଟ୍ରୀୟ ରାଇଫଲର ଜବାନମାନେ ଧରି ପହଞ୍ଚିଥିଲେ। ତାଙ୍କ ମୃତ ଶରୀର ଅଣାଯିବା ବେଳେ ଗ୍ରାମ ଠାରୁ ପାଞ୍ଚକିମି ଦୂରତାରେ ଥିବା ଗୋଷାଣି ଗ୍ରାମ ଛକ ଠାରୁ ଗ୍ରାମବାସୀ ମାନେ ଏକ ବିରାଟ ପଟୁଆରରେ ମର୍ଯ୍ୟାଦା ସହ ଗ୍ରାମକୁ ନେଇ ଆସିଥିଲେ। ସହିଦ ଜବାନଙ୍କୁ ଅନ୍ତିମ ବିଦାୟ ଦେବା ପାଇଁ ତାଟିପାଟି ଗ୍ରାମ ଜନସମୂଦ୍ର ପାଲଟିଯାଇଥିଲା। ଏହି ଗ୍ରାମାଞ୍ଚଳର ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମେତ ପୂର୍ବତନ ସେନା କର୍ମଚାରୀବୃନ୍ଦ ଯୋଗଦେଇଥିଲେ । ଶେଷରେ ସେନା ପକ୍ଷରୁ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସକାରେ ତୋପ ସଲାମି ଦିଆଯାଇ ଅନ୍ତେଷ୍ଟିକ୍ରିୟା ହୋଇଥିଲା। ସହିଦ ଜବାନଙ୍କୁ ତାଙ୍କ ବଡ ଭାଇ ମୁଖାଗ୍ନି ଦେଇଥିଲେ। ସହୀଦ ଜବାନ ଦେବେନ୍ଦ୍ର ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ତାଙ୍କର ଦୁଇଟି କୁନି କୁନି ଶିଶୁ କନ୍ୟା ଓ ଧର୍ମପତ୍ନୀ ରହିଛନ୍ତି। ଅନ୍ୟପକ୍ଷରେ ଏହି ସହୀଦ ଜବାନଙ୍କ ଅନ୍ତେଷ୍ଟିକ୍ରିୟାରେ ଜିଲ୍ଲା ପ୍ରଶାସନ କିମ୍ବା ପୋଲିସ ପ୍ରଶାସନର ଉପସ୍ଥିତି ଦେଖିବାକୁ ମିଳିନଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରେ ଆଲୋଚନାର ବିଷୟ ପାଲଟିଅଛି।

## ବାବା ରୁଦ୍ରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଯାତ୍ରା

ଫିରିଙ୍ଗିଆ,୧୯/୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ବାବ ରୁଦ୍ରେଶ୍ୱର ମହାଦେବ ଙ୍କ ଶୀତଳ ଷଷ୍ଠୀ ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ଆବାହମାନ କାଳରୁ ଏହି ଫିରିଙ୍ଗିଆ ଠାରେ ବାବା ରୁଦ୍‌ରେଶ୍ୱର ଠାକୁରଙ୍କ ଏହି ଶୀତଳ ଷଷ୍ଠି ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ମହା ସମାରୋହରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି। ବାବା ରୁଦେଶ୍ୱରଙ୍କ ମୁଖ୍ୟ ପୂଜକ ଚିନ୍ତାମଣି ମହାପାତ୍ରଙ୍କ ପ୍ରତକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଯାତ୍ରାରେ ଚଳିତ ବର୍ଷ ଫିରିଙ୍ଗିଆ ମାଷ୍ଟର ପଡାର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ସାହୁ କନ୍ୟାପିତା ହୋଇଥିବା ବେଳେ ସହରର ପ୍ରତିଷ୍ଠିତ ବ୍ୟବସାୟ ରାଜକିଶୋର ସାହୁ ବରପିତା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପଟେ ଯାତ୍ରାର ପ୍ରଥମ ଦିନରେ ଠାକୁରଙ୍କ ପାଟ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟା ସମୟରେ ବାବା ରୁଦ୍‌ରେଶ୍ୱର ଓ ମାତା ପାର୍ବତୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ବାଜା ବାଦ୍ୟ ଘଣ୍ଟ ଶଙ୍ଖ ସହ ନିଜନିଜ ପିତାମାତା ଘରକୁ ଯାଇଥିଲେ। ଗୁରୁବାର କନ୍ୟା ପିତାଙ୍କ ବାସଭବନରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ପରେ ଦେବ ଦମ୍ପତି ଏକ ବିରାଟ ପଟୁଆରରେ ପାରମ୍ପରିକ ବାଜା ବାଦ୍ୟ ସହ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଯାତ୍ରାରେ ଯାତ୍ରା କମିଟିର ସାଭପତି ଗୁଣନିଧି କହଁର ଙ୍କ ସହ ସମ୍ପାଦକ ସୁରେନ୍ଦ୍ର କହଁର,ସହ ସମ୍ପାଦକ ବାଳକୃଷ୍ଣ ଜୁଣ୍ଡି,କୋଷାଧକ୍ଷ ସାରସ୍ୱତ ମୁଖି, ଉପସଭାପତି ଉମାଚାରଣ ବିନ୍ଧାଣିଙ୍କ ସହ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

